ସନ୍ଦର୍ଭ ସଂଖ୍ୟା ଡିବିଓଡି. ଡିଆଇଆର୍. ବିସି.୫୧/୧୩.୦୩.୦୦/୨୦୦୨-୦୩

ଡିସେମ୍ବର ୧୪, ୨୦୦୨

**ସମସ୍ତ ବାଣିଜ୍ୟିକ ବ୍ୟାଙ୍କ ସମୂହ**
(ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଏବଂ ସ୍ଥାନୀୟ କ୍ଷେତ୍ର ବ୍ୟାଙ୍କ୍ ବ୍ୟତୀତ)

ମହାଶୟ,

**<u>କେତେକ ସଂସ୍ଥା/ପ୍ରତିଷ୍ଠାନ ଗୁଡିକ ନାମରେ ସଂଚୟ ଖାତା ଉନ୍ମୋଚନ</u>**

ଦୟାକରି ଆମର ପରିପତ୍ର ଡିବିଓଡି ସଂଖ୍ୟା, ଡିଆଇଆର୍‌ବିସି. ୩୫/୧୩.୩.୦୦/୨୦୦୦-୦୧, ଅକ୍ଟୋବର ୧୭, ୨୦୦୦, ଦେଖନ୍ତୁ ଯାହାଦ୍ୱାରା ବ୍ୟାଙ୍କ ଗୁଡିକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତନ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ/ଯୋଜନାର କାର୍ଯ୍ୟକାରୀତା ନିମନ୍ତେ ଦିଆଯାଉଥିବା ଅନୁଦାନ/ସାହାଯ୍ୟ ସମ୍ବନ୍ଧରେ ସରକାରୀ ବିଭାଗ/ପ୍ରତିଷ୍ଠାନ/ଏଜେନ୍‌ସି ଗୁଡିକ ନାମରେ ସଂଚୟ ବ୍ୟାଙ୍କଖାତା ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ସମ୍ପୃକ୍ତ ସରକାରୀ ବିଭାଗ/ପ୍ରତିଷ୍ଠାନରୁ ପ୍ରାପ୍ତ ପ୍ରାଧିକାର ପତ୍ର ପେଶ କଲେ ସେମାନଙ୍କୁ ସଂଚୟ ବ୍ୟାଙ୍କ ଖାତା ଖୋଲିବା ପାଇଁ ଅନୁମତି ଦିଆଯାଇପାରିବ।

୨. ଏହି ବିଷୟର ପୁନର୍ବିଚାର କରିବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତନ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ/ ଯୋଜନାର କାର୍ଯ୍ୟକାରୀତା ନିମନ୍ତେ ଦିଆଯାଉଥିବା ଅନୁଦାନ/ସାହାଯ୍ୟ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ବିଭାଗ/ ପ୍ରତିଷ୍ଠାନ/ଏଜେନ୍‌ସିଗୁଡିକ ନାମରେ ସଂଚୟ ବ୍ୟାଙ୍କ ଖାତା ଖୋଲିବା ପାଇଁ ବ୍ୟାଙ୍କ୍ ଗୁଡିକୁ ବର୍ତ୍ତମାନ ଅନୁମତି ଦେବା ପାଇଁ ସ୍ଥିର କରାଯାଇଅଛି। ସମ୍ପୃକ୍ତ ସରକାରୀ ବିଭାଗ/ପ୍ରତିଷ୍ଠାନକୁ ସଂଚୟ ବ୍ୟାଙ୍କ ଖାତା ଖୋଲିବା ପାଇଁ ଅନୁମତି ପ୍ରଦାନ କରାଯାଇଛି ବୋଲି ପ୍ରମାଣିତ କରୁଥିବା ନିଜନିଜ ସରକାରୀ ବିଭାଗରୁ ବ୍ୟାଙ୍କକୁ ଦିଆଯାଇଥିବା ଅଧିକାର ପତ୍ର ପେଶ୍ କଲେ, ଏହି ଖାତା ଖୋଲାଯାଇ ପାରିବ। ବ୍ୟାଙ୍କଗୁଡିକ ରାଜ୍ୟ ସରକାରଙ୍କ ନିଜ ନିଜ ବିଭାଗ ଗୁଡିକ ଦ୍ୱାରା ଜାରୀ ହୋଇଥିବା ଅଧିକାର ପତ୍ରର ଏକ ନକଲ ସେମାନଙ୍କର ରେକର୍ଡରେ ରଖିବା ଉଚିତ। ତଦନୁସାରେ ଆମ୍ଭର ମୁଖ୍ୟ ନିର୍ଦ୍ଦେଶନାମା ଡିବିଓଡି, ସଂଖ୍ୟା ଡିଆଇଆର ବି.ସି ୦୭/୧୩.୦୩.୦୦/୨୦୦୧-୦୨, ଅଗଷ୍ଟ ୧୧, ୨୦୦୧ ତାରିଖର ପରିଶିଷ୍ଟ ୦୫ ର ପାରା (୭) ସଂଶୋଧନ କରାଯାଇଅଛି।

୩. ସଂଶୋଧିତ ନିର୍ଦ୍ଦେଶନାମା ଡିବିଓଡି ସଂଖ୍ୟା ଡିଆଇଆର୍ ବିସି ୫୦/୧୩.୦୩.୦୦/୨୦୦୨.୦୩, ଡିସେମ୍ବର ୧୪, ୨୦୦୨ ଏଥି ସହିତ ସଂଲଗ୍ନ କରାଯାଇଅଛି।

୪. ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ।

ଆପଣଙ୍କର ବିଶ୍ୱସ୍ତ

**(ଏମ୍.ଆର, ଶ୍ରୀନିବାସନ)**
ମୁଖ୍ୟ ମହା ପ୍ରବନ୍ଧକ (ଭାରପ୍ରାପ୍ତ)

**କେତେକ ସଂସ୍ଥା ପ୍ରତିଷ୍ଠାନ ଗୁଡିକ ନାମରେ ସଂଚୟ୍ ଖାତା ଖୋଲିବା**

ଡିସେମ୍ବର ୧୪, ୨୦୦୨

ସନ୍ଦର୍ଭ ସଂଖ୍ୟା ଡିବିଓଡି. ଡିଆଇଆର୍. ବିସି. ୫୦/୧୩.୦୩.୦୦/୨୦୦୨-୦୩

କେତେକ ସଂସ୍ଥା/ପ୍ରତିଷ୍ଠାନ ନାମରେ ସଂଚୟ୍ ଖାତା ଖୋଲିବା

ବ୍ୟାଙ୍କିଙ୍ଗ୍ ନିୟନ୍ତ୍ରଣ ଅଧିନିୟମ୍, ୧୯୪୯ର ଧାରା ୨୧ ଓ ୩୫ (ଏ) ଏବଂ ସମୟ୍ ସମୟ୍ରେ ସଂଶୋଧନ କରାଯାଇଥିବା ଏହାର ମୁଖ୍ୟ ନିର୍ଦ୍ଦେଶନାମା ଡିବିଓଡି ନଂ. ଡିଆଇଆର୍. ବିସି. ୦୭/୧୩. ୦୩୦୦/୨୦୦୧-୦୨ ତା ଅଗଷ୍ଟ ୧୧,୨୦୦୧ ରିଖ ଦ୍ୱାରା ପ୍ରଦତ୍ତ କ୍ଷମତାଗୁଡିକୁ କାର୍ଯ୍ୟକାରୀ କରିବାରେ ଭାରତୀୟ୍ ରିଜର୍ଭ ବ୍ୟାଙ୍କ୍ ଜନସାଧାରଣଙ୍କ ସ୍ୱାର୍ଥରେ ଏହା କରିବା ଆବଶ୍ୟକ ଓ ବାଞ୍ଛନୀୟ୍ ଅନୁଭବ କରି ନିର୍ଦ୍ଦେଶ ପ୍ରଦାନ କରୁଅଛି ଯେ, ପୂର୍ବୋକ୍ତ ନିର୍ଦ୍ଦେଶନାମାର ପରିଶିଷ୍ଟ ୫ର ପାରା ୭, ନିମ୍ନରେ ଦର୍ଶାଯାଇଥିବା ବିଷୟ୍ ଦ୍ୱାରା ତୁରନ୍ତ ଅବସ୍ଥାପିତ ହେବ।

୭. କେନ୍ଦ୍ର/ ରାଜ୍ୟ ସରକାରଙ୍କର ନିଜ ନିଜ ବିଭାଗ ଗୁଡିକରୁ ଦିଆଯାଇଥିବା ଅଧିକାର ପତ୍ର ପେଶ୍ କଲେ କେନ୍ଦ୍ର ସରକାର/ରାଜ୍ୟ ସରକାରଙ୍କ ପ୍ରବର୍ତ୍ତନ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଯୋଜନା ଗୁଡିକର କାର୍ଯ୍ୟକାରୀତା ନିମନ୍ତେ ଦିଆଯାଇଥିବା ଅନୁଦାନ/ଅର୍ଥ ସାହାଯ୍ୟର କାରବାର ପାଇଁ ସରକାରୀ ବିଭାଗ ପ୍ରତିଷ୍ଠାନ/ଏଜେନ୍ସି ଗୁଡିକ ସଂଚୟ୍ ବ୍ୟାଙ୍କ ଖାତା ଖୋଲିବା ପାଇଁ ଅନୁମତି ପ୍ରାପ୍ତ କରିପାରିବେ।

ନିର୍ଦ୍ଦେଶନାମା ଡିବିଓଡି ନଂ. ଡିଆଇଆର୍. ବିସି. ୦୭/୧୩.୦୩.୦୦/୨୦୦୧-୦୨, ତା ଅଗଷ୍ଟ ୧୧, ୨୦୦୧ ରିଖର ଅନ୍ୟ ସମସ୍ତ ବ୍ୟବସ୍ଥା ଗୁଡିକ ଅପରିବର୍ତ୍ତିତ ରହିବ।

**(କେ.ଏଲ୍. କ୍ଷେତ୍ରପାଲ)**
କାର୍ଯ୍ୟକାରୀ ନିର୍ଦ୍ଦେଶକ